cmyk

To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

## ସମୟ ସହ ତାଳଦେଇ ଭାରତର ସମ୍ବିଧାନ ସମସ୍ତ ପରୀକ୍ଷାରେ ପାସ୍ କରିଛି : ମୋଦି



R.N.I. No.-42041/83 Vol-16, Issue No.146, ଭଦ୍ରକ, ସୋମବାର, ୨୭, ନଭେମ୍ବର ୨୦୧୭ ■ Bhadrak, Monday, 27 November 2017 Rs. 2.00 Pages-8

# ଏକାଠି ହେଲେ ରାଜନୈତିକ ଦଳ

ଭୁବନେଶ୍ୱର, ୨୬।୧୧ (ସକାଳ ଖବର): ମହାନଦୀକୁ ନେଇ ଏକାଠି ହୋଇଛନ୍ତି ରାଜ୍ୟର ପ୍ରମୁଖ ରାଜନୈତିକ ଦଳ। ମହାନଦୀ ବଂଚାଅ ଆନ୍ଦୋଳନ ପକ୍ଷରୁ ଆଜି ଏନେଇ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜେଡି, କଂଗ୍ରେସ ସମେତ ସିପିଆଇ, ସିପିଆଇ(ଏମ୍),

**ଯୋଗ ଦେଲାନି ବିଜେପି**

ସମାଜବାଦୀ ପାର୍ଟି, ଫରୱାର୍ଡ଼ ବ୍ଲକ୍, ଉତ୍କଳ ଭାରତ ପରି ଦଳଗୁଡ଼ିକ ଯୋଗଦାନ କରିଥିଲେ। ମହାନଦୀର ସୁରକ୍ଷା ପାଇଁ ପାଂଚଟି ପ୍ରସ୍ତାବ ଉପରେ ଲାଗିଥିଲା ମୋହର।

### ମହାନଦୀ ବିବାଦ



ମହାନଦୀ ବଂଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ତିଆରି କରାଯାଇଥିଲା ଆଗାମୀ ଦିନ ପାଇଁ ବ୍ଲୁ ପ୍ରିଂଟ।
ବୈଠକ ପରେ ସୂଚନା ଦେଇ ଶ୍ରୀ ଦାସ କହିଲେ ଯେ, ମହାନଦୀର ସୁରକ୍ଷା ପାଇଁ ଆଜି ସମସ୍ତେ ଏକାଠି ହୋଇଛନ୍ତି। କେନ୍ଦ୍ର ସରକାର ଟ୍ରିବ୍ୟୁନାଲ୍ ଗଠନରେ ଯେପରି ବିଳମ୍ବ କରିଛନ୍ତି ସେ ନେଇ ଆଜି ବୈଠକରେ ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହି ପ୍ରସଙ୍ଗକୁ ମଧ୍ୟ

- ■ କେନ୍ଦ୍ର ବିରୁଦ୍ଧରେ ନିନ୍ଦା ପ୍ରସ୍ତାବ
- ■ ଆଇନ୍‌ଗତ ଲଢ଼େଇକୁ ଜୋର୍‌ଦାର କରାଯିବ
- ■ ଆଗାମୀ ଦିନ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ

ବିଧାନସଭା ଓ ସଂସଦରେ ଉଠାଇବା ସହ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଜନଜାଗରଣ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ବୈଠକରେ ବିଜେଡି ପକ୍ଷରୁ ସାଂସଦ ପ୍ରତାପ ଦେବ ଓ ଦେବୀ ପ୍ରସାଦ ମିଶ୍ର ଯୋଗଦାନ କରି ରାଜ୍ୟ ସରକାର ନେଇଥିବା ପଦକ୍ଷେପ ଉପରେ ମତ ରଖିଥିଲେ। ଶ୍ରୀ ଦେବ କହିଥିଲେ, ମହାନଦୀ ପାଇଁ ନ୍ୟାୟିକ, ପ୍ରଶାସନିକ ଓ ଗଣତାନ୍ତ୍ରିକ ଭାବେ ବିଜେଡି ତା'ର କାର୍ଯ୍ୟକ୍ରମ ଜାରି ରଖିଛି। ଆଗାମୀ ଦିନରେ ଆଇନ୍‌ଗତ ଲଢ଼େଇକୁ ଜୋର୍‌ଦାର କରାଯିବ।
ସେହିପରି କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ଅନନ୍ତ ସେଠୀ, ଗଣେଶ୍ୱର ବେହେରା ପ୍ରମୁଖ ଯୋଗଦାନ କରି ନିଜର ମତ ରଖିଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ରାଜ୍ୟ ସରକାର ବିଗତ ଦିନରେ ଯେଉଁ ପାପ କରିଥିଲେ ତା'ର ପ୍ରାୟଶ୍ଚିତ କରିବାର ସମୟ ଆସିଛି। ମହାନଦୀ ସମେତ ରାଜ୍ୟରେ ରହିଥିବା ଅନ୍ୟାନ୍ୟ ନଦୀମାନଙ୍କର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବାର ଆବଶ୍ୟକତା ରହିଛି। ସେହିପରି ବୈଠକରେ ଯୋଗଦେଇ ଅନ୍ୟାନ୍ୟ ଦଳଗୁଡ଼ିକ ନିଜର ମତ ରଖିବା ସହ ଛତିଶଗଡ଼କୁ ସୁହାଇବା ଭଳି ରାଜ୍ୟ ବିଜେପି କାମ କରୁଛି ବୋଲି ଅଭିଯୋଗ କରିଥିଲେ। ସେପଟେ ଏହି ପ୍ରସଙ୍ଗରେ ବିଜେପି ଉପସଭାପତି (ପୃଷ୍ଠା-୭)

# ଜଗା-କାଳିଆଙ୍କୁ ଭେଟିଲେ ନବୀନ



- ଅଧିକ ଖର୍ଚ୍ଚ ଯୋଗାଇବାକୁ ପ୍ରତିଶ୍ରୁତି
- ଏମ୍ସ ଡାକ୍ତରଙ୍କୁ ଧନ୍ୟବାଦ ଦେଲେ
- ଶିଶୁଦ୍ୱୟ ଏବେ ସୁସ୍ଥ ଥିବା ନବୀନଙ୍କୁ କହିଲେ ଡାକ୍ତର

ନୂଆଦିଲ୍ଲୀ: ପୃଥକ୍ କରାଯାଇଥିବା ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆଙ୍କୁ ଦେଖିବା ପାଇଁ ରବିବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନକୁ (ଏମ୍ସ୍) ଯାଇଥିଲେ। ଅପରାହ୍ଣ ୧୨ଟା ୩୦ ମିନିଟ୍‌ରେ ସେଠାରେ ପହଞ୍ଚି ସେ ପ୍ରଥମେ ଏମ୍ସ୍‌ର ନିର୍ଦ୍ଦେଶକ ରଣଦୀପ ଗୁଲେରିଆ ଏବଂ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କୁ ଭେଟିଥିଲେ। ଏହି ଯୋଡା ମୁଣ୍ଡ ଶିଶୁଙ୍କୁ ଅଲଗା କରିବା କଷ୍ଟକର ଥିଲା। ଅପରେସନ ପରେ ଦୁଇ ସପ୍ତାହ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ଥିଲା। ବର୍ତ୍ତମାନ ଉଭୟ ଶିଶୁ ସାଧାରଣ ଭାବେ ନିଶ୍ୱାସ ପ୍ରଶ୍ୱାସ ନେଉଛନ୍ତି ବୋଲି ସେ କହିଛନ୍ତି । ପିଲା ଦୁହିଁଙ୍କର ସ୍ୱାସ୍ଥ୍ୟାବସ୍ଥା ସଂକ୍ରାନ୍ତରେ ତାଙ୍କ ଠାରୁ ବିଭିନ୍ନ କଥା ପଚାରି ବୁଝିଥିଲେ ମୁଖ୍ୟମନ୍ତ୍ରୀ। ତା'ପରେ ୱାର୍ଡକୁ ଯାଇ (ପୃଷ୍ଠା-୭)

## ସଡକ ଦୁର୍ଘଟଣାରେ ଦୁଇ ମୃତ

ଭୁବନେଶ୍ୱର, ୨୬।୧୧ (ସକାଳ ଖବର): ଅନୁଗୁଳ ଜିଲ୍ଲା ବଆଁରପାଳ ଥାନା ଅନ୍ତର୍ଗତ ଜୋରାଗାଡ଼ିଆ ନିକଟରେ ଦୁର୍ଘଟଣା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ୨ ଜଣଙ୍କର ମୃତ୍ୟୁ ହୋଇଥିବା ଜଣା ପଡିଛି। ମୃତକଙ୍କ ପରିଚୟ ଜଣାପଡ଼ି ନାହିଁ ତେବେ ସେମାନେ ଖମାର ଅଂଚଳର ବୋଲି ଜଣା ପଡିଛି।
ମିଳିଥିବା ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଦୁଇ ଜଣ ଏକ ବାଇକରେ ଯାଉଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା ଫଳରେ ଘଟଣା ସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା । ସେମାନେ କଂଟାବଣିଆଁ ଭୂଷଣରୁ ବଆଁରପାଳ ଯାଉଥିଲେ ବୋଲି ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି । ଦୁର୍ଘଟଣାଗ୍ରସ୍ତ ୨ଟି ଗାଡିକୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି।

## କାଠ ବେପାରୀଙ୍କ ପୁଅକୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୨୬।୧୧ (ସକାଳ ଖବର): ଛତିଶଗଡ଼ ରାଜ୍ୟ କାଂକେର ଜିଲ୍ଲା କୋସରୋଡା ଗ୍ରାମ ନିକଟରେ ଶନିବାର ରାତିରେ ରାବଘାଟ ଟ୍ରେନ୍ ଲାଇନ୍ ସମ୍ପ୍ରସାରଣ କାମରେ ଲାଗିଥିବା ୩ଟି ଟିପ୍ପର ଓ ଗୋଟିଏ ହାଇୱା ଗାଡିକୁ ମାଓବାଦୀମାନେ ନିଆଁ ଲଗାଇ ପୋଡି ଦେଇଥିଲେ । ପରେ ସେଠାରେ କାମ କରୁଥିବା କର୍ମଚାରୀଙ୍କୁ ମାଡ ମାରିବା ସହ କାଠ ବେପାରୀଙ୍କ ପୁଅ ରମେଶ ଜୈନଙ୍କୁ ନିଜ ସାଙ୍ଗରେ (ପୃଷ୍ଠା-୭)

# ଧାନ ରାଜନୀତି ଜୋର୍

## ଏମ୍‌ଏସ୍‌ପି ୨୯୩୦ ଟଙ୍କା ଦାବିରେ ବିଜେଡିର ଆନ୍ଦୋଳନ ଆଜି

ଭୁବନେଶ୍ୱର, ୨୬।୧୧ (ସକାଳ ଖବର): ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା କରିବା ଦାବିରେ ବିଜୁ କୃଷକ ସାମୁଖ୍ୟ ପକ୍ଷରୁ ସୋମବାର ଦିନ ବିକ୍ଷୋଭ ପ୍ରଦର୍ଶନ କରାଯିବ । ରାଜଭବନ ସମ୍ମୁଖରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯିବ । ଏହି ଆନ୍ଦୋଳନରେ ବିଜେଡିର ବିଧାୟକ, ସାଂସଦ ଓ ଦଳୀୟ ନେତୃ ମଣ୍ଡଳୀ ଯୋଗ ଦେବେ ବୋଲି ଦଳ ପକ୍ଷରୁ ସୂଚନା ଦିଆ ଯାଇଛି।



## ଆଜି ବିଜେପିର ସଚିବାଳୟ ଚାଲ

ଭୁବନେଶ୍ୱର, ୨୬।୧୧ (ସକାଳ ଖବର): ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ କ୍ଷୟ କ୍ଷତିର ଆକଳନ ନଭେମ୍ବର ୨୫ ସୁଦ୍ଧା ସମ୍ପୂର୍ଣ କରିବାର ସରକାରଙ୍କ ଦ୍ୱାରା ଘୋଷିତ ସମୟ ସୀମା ଶେଷ ହେବା ସତ୍ତ୍ୱେ ଏହି କାର୍ଯ୍ୟରେ କୌଣସି ଅଗ୍ରଗତି ନ ହେବା କାରଣରୁ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାରେ ଅହେତୁକ ବିଳମ୍ବ ହେବା ପ୍ରାୟତଃ ସୁନିଶ୍ଚିତ ହୋଇ ଯାଇଛି । ଏପରି ପରିପ୍ରେକ୍ଷୀରେ ଓଡିଆ ଚାଷୀଙ୍କ ହକ୍‌ର ଲଢେଇ ପାଇଁ ବିଜେପି ତରଫରୁ ଆସନ୍ତା କାଲି ୨୭ ତାରିଖ ଦିନ ଦଳର କୃଷକ ମୋର୍ଚ୍ଚା ସଚିବାଳୟ (ପୃଷ୍ଠା-୭)

## ନିୟମଗିରିରେ ମାଓ ପୋଷ୍ଟର

ମୁନିଗୁଡ଼ା, ୨୬।୧୧ (ସକାଳ ଖବର): ନିୟମଗିରି ପାଦଦେଶରେ ମାଓ ପୋଷ୍ଟର ଦେଖିବାକୁ ମିଳିଛି। ହାଟ ଦହିଖାଲ ଠାରେ ସିଆରପିଏଫ କ୍ୟାମ୍ପ ନିର୍ମାଣକୁ ବିରୋଧ କରି ଏହି ପୋଷ୍ଟରରେ ଲେଖାଯାଇଛି। ସେହିପରି ନିୟମଗିରି ଅଞ୍ଚଳରେ ସିଆରପିଏଫ୍ ପକ୍ଷରୁ ଚାଲିଥିବା କୁମ୍ବିଂ ଅପରେସନର ଦୃଢ ବିରୋଧ କରାଯାଇଛି। କୁମ୍ବିଂ ନାମରେ ସଶସ୍ତ୍ର ଯବାନ ଆଦିବାସୀମାନଙ୍କ ଉପରେ ଜୁଲୁମ ଚଳାଇବାରୁ ନିବୃତ୍ତ ରୁହନ୍ତୁ ବୋଲି ପୋଷ୍ଟରରେ ଚେତାବନୀ ଦେଇଥିବା ଦେଖିବାକୁ ମିଳିଛି। ନିୟମଗିରି ପାହା ଉପରୁ ବେଦାନ୍ତ କମ୍ପାନୀ ହଟୁ ବୋଲି ଲେଖିଛନ୍ତି ମାଓବାଦୀ । ସିପିଆଇଏମ୍ ମାଓବାଦୀ ରାୟଗା ଏରିଆ କମିଟି ପକ୍ଷରୁ ଏହି ପୋଷ୍ଟର ଲଗାଯାଇଛି। ରାୟଗଡ଼ା ଜିଲ୍ଲା ନିୟମଗିରି ଅଂଚଳରେ ମାଓବାଦୀମାନେ ବର୍ଷ ବର୍ଷ ଧରି ସେମାନଙ୍କ ଉପସ୍ଥିତି ଉପଲବ୍ଧି କରାଇ ଆସିଛନ୍ତି । ବେଦାନ୍ତ କମ୍ପାନୀକୁ ବିରୋଧ କରିବା ସହ ନିୟମଗିରି ପାଦଦେଶରେ କୁମ୍ବିଂ ଅପରେସନ ଓ ସିଆରପିଏଫ କ୍ୟାମ୍ପ ନିର୍ମାଣକୁ ଦୃଢ ବିରୋଧ କରୁଛନ୍ତି । ନିୟମଗିରି ପାହା ଉପରେ ରହୁଥିବା ଡଙ୍ଗରିଆ ଗ୍ରାମ ଗୁଡିକରେ ଯୋଗାଯୋଗ ବ୍ୟବସ୍ଥାର ବିପର୍ଯ୍ୟସ୍ତତା ସାଙ୍ଗକୁ ନିରକ୍ଷରତା ମାଓବାଦୀମାନଙ୍କୁ ସୁହାଇ ଆସିଛି ।

**ବହୁଚର୍ଚ୍ଚିତ ପ୍ରମୋଦିନୀ ରାଉଳଙ୍କୁ ଏସିଡ୍ ମାଡ ଘଟଣା**

# ଦୀର୍ଘ ୮ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ସମେତ ୨ ଗିରଫ



ଜଗତସିଂହପୁର, ୨୬।୧୧ (ସକାଳ ଖବର): ଜଗତସିଂହପୁରରେ ବହୁ ଚର୍ଚ୍ଚିତ ପ୍ରମୋଦିନୀ ରାଉଳଙ୍କୁ ଏସିଡ୍ ମାଡ ଘଟଣାର ଦୀର୍ଘ ୮ ବର୍ଷ ପରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସମେତ ୨ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି । ମୁଖ୍ୟ ଅଭିଯୁକ୍ତ ହେଲେ ଆର୍ମି ଯବାନ ସନ୍ତୋଷ କୁମାର ବେଦାନ୍ତ ଓ ଅନ୍ୟତମ ଅଭିଯୁକ୍ତ ବିଶ୍ୱଜିତ୍ ଦଳସିଂରାୟ। ସନ୍ତୋଷଙ୍କୁ କୋଲକାତାରୁ ଜଗତସିଂହପୁର ପୋଲିସ ଗିରଫ କରିଛି । ସେହିପରି ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ଚମ୍ପାଗଡ଼ରୁ ବିଶ୍ୱଜିତକୁ ଗିରଫ କରାଯାଇଛି। ସନ୍ତୋଷଙ୍କ ଘର ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଜରଗଡିଆ ଗ୍ରାମରେ ବୋଲି ଜଣାପଡିଛି । ସନ୍ତୋଷ ଜାମ୍ମୁ କାଶ୍ମୀରର କୁପଓ୍ୱାଡାରେ କାର୍ଯ୍ୟରତ ଥିଲେ। ତାଙ୍କୁ ଗିରଫ କରିବା ପାଇଁ କୁପଓ୍ୱାଡା ପୋଲିସ ପହଂଚିବା ସମ୍ପର୍କରେ ସୂଚନା ପାଇ ସନ୍ତୋଷ ସେଠାରୁ ଫେରାର୍ ହୋଇଯାଇଥିଲେ । ଗିରଫ ପରେ ସନ୍ତୋଷଙ୍କୁ କୋଲକାତାରୁ ଓଡ଼ିଶାକୁ ଅଣାଯାଇଛି । ଅଧିକ ପଚରା ଉଚୁରା ପାଇଁ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ପରେ ୫ ଦିନିଆ ରିମାଣ୍ଡରେ ନେବା ପାଇଁ ପୋଲିସ କୋର୍ଟରେ ଆବେଦନ କରିପାରେ ବୋଲି ସୂଚନା ମିଳିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୦୯ରେ ଏକ ତରଫା ପ୍ରେମକୁ କେନ୍ଦ୍ର କରି ଘଟିଥିଲା ଏହି ଏସିଡ୍ ମାଡ । ମାମଲାର ସୁରାକ୍ ନପାଇ ପୋଲିସ ୨୦୧୨ରେ କେସ୍ ବନ୍ଦ କରି ଦେଇଥିଲା । ପରବର୍ତୀ ସମୟରେ ଜଗତସିଂହପୁର ଏସଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ୨୦୧୭ ଅଗଷ୍ଟରେ ପୋଲିସ ଏହି ମାମଲାର ରିଓପନ କରିଥିଲା ।

# ହାଫିଜ୍‌କୁ ଗିରଫ ନକଲେ ପରିଣାମ ଭୋଗିବ

## ପାକିସ୍ତାନକୁ ଆମେରିକାର ଚେତାବନୀ

ୱାଶିଂଟନ, ୨୬।୧୧: ପାକିସ୍ତାନରେ ନିକଟରେ ନଜରବନ୍ଦୀରୁ ମୁକ୍ତ ହୋଇଥିବା ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ୍ ତଥା ଆତଙ୍କବାଦୀ ସଂଗଠନ ଜମାତ୍-ଉଲ୍-ଦାୱା ମୁଖ୍ୟ ହାଫିଜ୍ ସୟିଦ୍‌କୁ ପୁଣି କରିବାକୁ ଆମେରିକା ଆଉ ଥରେ ପାକିସ୍ତାନକୁ ପରାମର୍ଶ ଦେଇଛି । ଏପରିକି ଏହି ଦୁର୍ଦ୍ଦାନ୍ତ ଆତଙ୍କବାଦୀ ହାଫିଜ୍‌କୁ ଗିରଫ ସହ ଦଣ୍ଡ ବିଧାନ ନକଲେ ପାକିସ୍ତାନକୁ ପରିଣାମ ଭୋଗିବାକୁ ପଡ଼ିବ ବୋଲି ଆମେରିକା ଚେତାବନୀ ଦେଇଛି । ଅନ୍ୟଥା ଦୁଇ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ତିକ୍ତ ହେବ ବୋଲି ଟ୍ରମ୍ପ୍ ପ୍ରଶାସନ ଚେତେଇ ଦେଇଛି । ଉଲ୍ଲେଖଥାଉ କି, ମୁଣ୍ଡରେ ଏକ କୋଟି ଆମେରିକୀୟ ଡଲାରର ପୁରସ୍କାର ବହନ କରୁଥିବା ହାଫିଜ୍‌କୁ ଗତ ଶୁକ୍ରବାର ପାକିସ୍ତାନ ସରକାର ନଜରବନ୍ଦୀରୁ ମୁକ୍ତ କରିଦେଇଛନ୍ତି । ତେବେ ସଂଯୁକ୍ତ ଜାତିସଂଘ ଏବଂ ଆମେରିକା ଦ୍ୱାରା ଅନ୍ତର୍ଜାତୀୟ ଆତଙ୍କବାଦୀ ଭାବେ ଘୋଷିତ ହାଫିଜ୍ ପ୍ରତି ପାକିସ୍ତାନର ଏଭଳି ଦରଦୀ ଆଭିମୁଖ୍ୟରେ ଟ୍ରମ୍ପ୍ ପ୍ରଶାସନ ଭୀଷଣ କ୍ଷୋଭ ପ୍ରକାଶ କରିଛି । ଆମେରିକାର ରାଷ୍ଟ୍ରପତି ଭବନ(ହ୍ୱାଇଟ୍ ହାଉସ୍)ର ପ୍ରେସ ସଚିବ ସାରା ସାଣ୍ଡର୍ସ କା ଭାଷାରେ ପାକିସ୍ତାନର ପଦକ୍ଷେପକୁ ସମାଲୋଚନା କରି କହଛନ୍ତି ଯେ ଏହାଦ୍ୱାରା ଆନ୍ତର୍ଜାତିକ ଆତଙ୍କବାଦ ବିରୋଧରେ ଲିବା ପାଇଁ ପାକିସ୍ତାନର ଛଦ୍ମପ୍ରତିଶ୍ରୁତିବଦ୍ଧତା ପଦାରେ ପଡ଼ିଯାଇଛି । ଏଥି ସହିତ ପାକିସ୍ତାନ ଦାବି କରିଚାଲିଥିବା ଆତଙ୍କବାଦ ବିରୋଧୀ ଅଭିଯାନ ମିଛ ବୋଲି ପୁଣି ପ୍ରମାଣିତ ହୋଇଛି । ତେଣୁ ପରିସ୍ଥିତିକୁ ଗମ୍ଭୀରତାର ସହ ନେଇ ପାକିସ୍ତାନ ତୁରନ୍ତ ହାଫିଜ୍‌କୁ ସାନି ଗିରଫ ସହ ଦଣ୍ଡ ଦେବାକୁ ସାଣ୍ଡର୍ସ ଦାବି କରିଛନ୍ତି । ଏହା ନକଲେ ଆମେରିକା ସହ ସମ୍ପର୍କରେ ତ ଭଟ୍ଟା ପିବ, ସାରା ବିଶ୍ୱରେ ମଧ୍ୟ ପାକିସ୍ତାନର ଭାବମୂର୍ତ୍ତି ଅତି ନୀଚସ୍ତରକୁ ଖସିଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି ।



ତମ ଭିତରେ ହବାକୁ ଥିବା ମୋ ଗତିକୁ ତୁମେ ନିଜ ଗତି ମାନୁଛ । ସଂପୂର୍ଣ୍ଣ ବ୍ରହ୍ମାଣ୍ଡ ମୋ ଭିତରେ ରହିଥାଏ ଏବଂ ମୁଁ ତା ଭିତରେ ଭ୍ରମଣ କରେ ।



ହୁଣ୍ଡିର ଆୟ (୨୬.୧୧.୧୭)
୩,୪୬,୨୩୮

# ସାମାନ୍ୟ ଝଗଡ଼ାକୁ ପରମାଣୁ ଯୁଦ୍ଧରେ ପରିଣତ କରିପାରେ ପାକିସ୍ତାନ : ଆମେରିକା

ୱାଶିଂଟନ,୨୬।୧୧ : ପାକିସ୍ତାନର ପରମାଣୁ ହତିଆର ନା କେବଳ ସୀମା ସୁରକ୍ଷା ପାଇଁ ଭୟାବହ ବରଂ ପରମାଣୁ ଯୁଦ୍ଧ ପାଇଁ ଏକ ସଟିକ ବାଟ । ଏହି କଥା ମନ ଗଢ଼ା ନୁହେଁ, ଆମେରିକା ଥିଙ୍କ ଟ୍ୟାଙ୍କ ଏକ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ କରିଛି । ଆଣ୍ଟଲାଟିକ କାଉଂସିଲ ନିଜର ରିପୋର୍ଟ ଏସିଆ ଇନ ସେକେଣ୍ଡ ନ୍ୟୁକ୍ଲିଅର ଏଜ'' ରେ ଉଲ୍ଲେଖ କରିଛି ପାକିସ୍ତାନ ଏପର୍ଯ୍ୟନ୍ତ ତାର ପରମାଣୁ ହତିଆର ଯୋଜନାର ସଂଚାଳନ ଆରମ୍ଭ କରିନାହିଁ । ଚଳିତ ମାସରେ ଜାରି ହୋଇଥିବା ଏକ ରିପୋର୍ଟରେ କୁହାଯାଇଛି ଯେ ପାକିସ୍ତାନର ପରମାଣୁ ହତିଆର କାର୍ଯ୍ୟକ୍ରମ କେବଳ ସୀମା ସୁରକ୍ଷା ପାଇଁ ଭୟଙ୍କର ତାହା ନୁହେଁ ବରଂ ଏହା ଏକ ସମାନ୍ୟ ଝଗଡ଼ାକୁ ପରମାଣୁ ଯୁଦ୍ଧରେ ପରିଣତ କରିପାରେ । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ପରମାଣୁ ଅସ୍ତ୍ର ଭୟଙ୍କର ନୁହେଁ ଏହାର ପରିଚଳନାକାରୀ ସଂସ୍ଥା ଗୁଡ଼ିକ ଅଧିକ ଭୟଙ୍କର ।କାରଣ ପାକିସ୍ତାନ ଭଳି ଦେଶ ସ୍ଥିରତା ଉପରେ ଭରସା କରିବା ମୂର୍ଖାମୀ ହେବ। ରିପୋର୍ଟରେ କୁହାଯାଇଛି ଯେ ଗତ ଚାରି ଦଶକ ମଧ୍ୟରେ ପାକିସ୍ତାନ ଆତଙ୍କବାଦ ମାଧ୍ୟମରେ ଆଫଗାନିସ୍ତାନ ଓ ଭାରତରେ ଯେଉଁଭଳି ଭାବେ ଅଶାନ୍ତି ସୃଷ୍ଟି କରିଛି ତାହା ଚିନ୍ତାଜନକ । ରିପୋର୍ଟରେ କୁହାଯାଇଛି ଯେ ପାକିସ୍ତାନର ଅନେକ ରାଜ୍ୟରେ ମଧ୍ୟ ଆକ୍ରମଣ ହୋଇଛି। ପାକିସ୍ତାନ ପରମାଣୁ ହତିଆର ରଖିଥିବା ଭଳି କିଛି ସମ୍ବେଦନଶୀଳ ସ୍ଥାନରେ ମଧ୍ୟ ଆକ୍ରମଣ କରାଯାଇଛି । ଏହି ଆକ୍ରମଣ ପଛରେ କିଛି ପାକିସ୍ତାନର କିଛି ଲୋକଙ୍କ ହାତ ଥିବା କୁହାଯାଉଛି ।



ବିଜେବି କଲେଜ ଗ୍ରାଉଣ୍ଡରେ ଏନ୍‌ସିସି ଦିବସ ପାଳନ ଉପଲକ୍ଷେ ଜଣେ ଏନ୍‌ସିସି କ୍ୟାଡେଟ୍‌ଙ୍କ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ ।

# ପ୍ରତି ଆର.ଏମ.ସିରେ ଜଣେ ଲେଖାଏଁ ପିଓଙ୍କୁ ନିଯୁକ୍ତି ଦିଆଯିବ

ଭୁବନେଶ୍ୱର, ୨୬।୧୧ (ସକାଳ ଖବର): ଆର.ଏମ.ସି ଦ୍ୱାରା ସରକାର ଧାନ କିଣିବେ । ଏଥିପାଇଁ ପ୍ରୋକିୟରମେଂଟ ଅଫିସର (ପି.ଓ)ଙ୍କୁ ନିଯୁକ୍ତି ଦିଆଯିବ । ଏମାନେ ଧାନ କିଣା ତାଲିକା ପ୍ରସ୍ତୁତ କରି ଏଆରସିଏସ ଏବଂ ଡିଆରସିଏସଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କ ନିକଟକୁ ପଠାଇବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଚିଠି ଲେଖି ଜଣାଇଛନ୍ତି । ପ୍ରତି ଆର.ଏମ.ସିରେ ଜଣେ ଲେଖାଏଁ ପିଓଙ୍କୁ ନିଯୁକ୍ତି ଦିଆଯିବ ।

cmyk

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**